ରାଜ୍ୟର ଏକାଦଶ ଓ ଅନୁଗୁଳରେ ପ୍ରଥମ 'ହାଭେଲ୍ସ ଗାଲାକ୍ସି' ଷ୍ଟୋର

ଅନୁଗୁଳ : ବ୍ରତ ଅଭିବୃଦ୍ଧିଶୀଳ ବୈଦ୍ୟୁତିକ କମ୍ପାନୀ ତଥା ବିଦ୍ୟୁତ ବଣ୍ଟନ ପାଇଁ ଯନ୍ତ୍ରାଂଶ ନିର୍ମାଣରେ ଅଗ୍ରଣୀ କମ୍ପାନୀ ଭାବେ ପରିଗଣିତ ୧.୩ ଜିଲିୟନ ଡଲାର ମୂଲ୍ୟର ହାଭେଲ ଇଣ୍ଡିଆ ଲିମିଟେଡ୍ ଅନୁଗୁଳ ସହରରେ ନିଜର ସ୍ୱତନ୍ତ୍ର ଖୁଚୁରା ସୋରୁମ 'ହାଭେଲ୍ସ ଗାଲାକ୍ସି' ଖୋଲିଛି । ଅନୁଗୁଳ ସହରରେ 'ହାଭେଲ ଗାଲାକ୍ସି'ର ଏହା ପ୍ରଥମ ସୋରୁମ ହୋଇଥିବାବେଳେ ରାଜ୍ୟରେ ଏକାଦଶ । ସମଗ୍ର ଦେଶରେ କମ୍ପାନୀର ୨୬୦ରୁ ଉର୍ଦ୍ଧ୍ୱ ସୋରୁମ ରହିଛି । 'ହାଭେଲ୍ସ ଗାଲାକ୍ସି'ର ଏହି ନୂଆ ସୋରୁମ୍ ଅନୁଗୁଳ ସହର ବାସିନ୍ଦାଙ୍କ ସମସ୍ତ ଆବଶ୍ୟକତା ପୂରଣ କରିପାରିବ । ଘରେ ବିଦ୍ୟୁତ ସରଜରାହଠାରୁ ଆରମ୍ଭ କରି ଆଲୋକ ଜଳିବା ପର୍ଯ୍ୟନ୍ତ ଆବଶ୍ୟକ ସମସ୍ତ ଉପକରଣ ଏଠାରେ ଉପଲବ୍ଧ ହେବ । ଏଠାରେ ଆକର୍ଷଣୀୟ, ସୌଖିନ, ଉଚ୍ଚ ଗୁଣାତ୍ମକ ମାନ ଓ ବିଦ୍ୟୁତ ସଞ୍ଚୟ କରିପାରିବା ଭଳି ଶିଳ୍ପ ସ୍ୱିଚଗିୟର, କେବୁଲ, ପଙ୍ଖା, ସିଏଫଏଲ, ଆଲୋକୀକରଣ ସାମଗ୍ରୀ, ବୈଦ୍ୟୁତିକ ଜଳ ଗରମ ଯନ୍ତ୍ର, କ୍ରାବଟ୍ରି ସ୍ୱିଚ ଓ ଘରୋଇ ଉପକରଣ ଆଦି ଉପଲବ୍ଧ । ହାଭେଲର ଅଧିକାଂଶ ଉପକରଣ ଏବେ ଘରୋଇ ସାଜସଜ୍ଜାରୁ ଅଂଶବିଶେଷ ହୋଇଗଲାଣି । ଏଥିରେ ଜଣଙ୍କ ବ୍ୟକ୍ତିତ୍ୱ ଓ ଜୀବନଶୈଳୀ ମଧ୍ୟ ପ୍ରତିଫଳିତ ହେଉଛି । ଆଜିକାଲି ଜନସାଧାରଣ ବହୁ କିସମ ବୈଦ୍ୟୁତିକ ସାମଗ୍ରୀ ଚାହୁଁଛନ୍ତି । ଜନସାଧାରଣ ଭଲ ଓ ସୁବିଧାଜନକ ସାମଗ୍ରୀ ଚାହୁଁଛନ୍ତି । ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ବୈଦ୍ୟୁତିକ ଶିଳ୍ପ କ୍ଷେତ୍ରରେ 'ହାଭେଲ୍ସ ଗାଲାକ୍ସି' ଏକ ନୂଆ ଚିନ୍ତାଧାରା ପ୍ରକାଶ କରିବାକୁ ଯୋଜନା କରିଛି । ଅନୁଗୁଳ ରେ 'ହାଭେଲ୍ସ ଗାଲାକ୍ସି'ର ଷ୍ଟୋର ଖୋଲିବା ଅବସରରେ ହାଭେଲ୍ସ ଇଣ୍ଡିଆ ଲିମିଟେଡ୍‌ର ଚେୟାମଡ଼ି ଅନୀଲ ରାଏ ଗୁପ୍ତା ଆନନ୍ଦ ପ୍ରକାଶ କରିବା ସହ 'ହାଭେଲ୍ସ ଗାଲାକ୍ସି' ହେଉଛି ନୂତନ ନେତୃତ୍ୱର ପ୍ରତୀକ ବୋଲି କହିଥିଲେ । ଆଧୁନିକ ଜୀବନଶୈଳୀର ଚାହିଦା ଅନୁଯାୟୀ ଗ୍ରାହକଙ୍କୁ ଦିଗିନ୍ଦ୍ର ପ୍ରକାର ବିଦ୍ୟୁତ ସାମଗ୍ରୀ ଏଠାରେ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଏଠାରେ ଗୋଟିଏ ସ୍ଥାନରେ ସମସ୍ତ ସାମଗ୍ରୀ ଉପଲବ୍ଧ ହେବ । ହାଭେଲ୍ସ ଓଡ଼ିଶାରେ ନିଜର ବ୍ୟବସାୟ ଆରମ୍ଭ କରିବା ଦିନଠାରୁ ଏହାର ବ୍ୟବସାୟ ବୃଦ୍ଧି ପାଇଚାଲିଛି । ଏହାର ଉତ୍ପାଦଗୁଡ଼ିକ ଆକର୍ଷଣୀୟ ଓ ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତି ସମ୍ପନ୍ନ ବୋଲି ସେ କହିଛନ୍ତି । ଗାଲାକ୍ସି ହାଭେଲସ ହେଉଛି ଏକ ୱାନ ଷ୍ଟପ୍ ସପ୍ । ଯାହାକି ଖୁଚୁରା ବଜାରରେ ଦେଖିବାକୁ ମିଳୁଥିବା ଷ୍ଟୋର ତୁଳନାରେ ଭିନ୍ନ ଓ ଅନନ୍ୟ । ଏହାଦ୍ୱାରା କମ୍ପାନୀ ଉପଭୋକ୍ତାଙ୍କ ସହ ସିଧାସଳଖ ସମ୍ପର୍କ ରକ୍ଷା କରିପାରିବ । ଗତ୍ୱ ଛିଛି ବର୍ଷ ଧରି ହାଭେଲସ୍ ରାଜ୍ୟରେ ନିଜର ଉତ୍ପାଦ ବିକ୍ରି କରୁଥିବାବେଳେ ଏହା ହେଉଛି ରାଜ୍ୟର ଏକାଦଶ ଷ୍ଟୋର । ହାଭେଲସର ବ୍ୟବସାୟ ମଧ୍ୟ ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାର ଟର୍ଣ୍ଣ ଓଭରରେ ଆଶାତୀତ ବୃଦ୍ଧି ପରିଲକ୍ଷିତ ହୋଇଥିବାବେଳେ ଏହା ସବୁଠାରୁ ଅଧିକ ଗ୍ରହଣୀୟ ଭାଷରେ ପରିଣତ ହେବଦୋଲି କମ୍ପାନୀ ଆଶା ପ୍ରକାଶ କରିଛି ।